# ଓଡିଶା ସରକାର
# ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ

******

## ବିଜ୍ଞପ୍ତି

ଆସନ୍ତା ତା.୧୦.୦୭.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଟା ସମୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନସ୍ଥ ସମସ୍ତ ବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକଙ୍କ ମିଳିତ ବୈଠକ ଅନୁଷ୍ଠିତ ହେବ । ଏଣୁ ସମସ୍ତ ଅଭିଭାବକମାନଙ୍କୁ ବିଭାଗ ତରଫରୁ ଅନୁରୋଧ କରାଯାଉଛି କି ଆପଣମାନେ ଉକ୍ତ ବୈଠକରେ ବହୁ ସଂଖ୍ୟାରେ ଯୋଗ ଦାନ କରି ସଭାଟିକୁ ସାଫଲ୍ୟ ମଣ୍ଡିତ କରିବେ ।

ଆପଣମାନେ ବିଦ୍ୟାଳୟରେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ ସହିତ ସେମାନଙ୍କ ନିମନ୍ତେ ପ୍ରଣୟନ କରାଯାଇଥିବା ନିରାପତ୍ତା, ସୁରକ୍ଷା ଏବଂ ସ୍ୱାସ୍ଥ୍ୟର ସୁରକ୍ଷା ସମ୍ବନ୍ଧରେ ଶିକ୍ଷକମାନଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିବେ । ଏତଦ୍ ବ୍ୟତୀତ ଛାତ୍ରଛାତ୍ରୀମାନଙ୍କ ବିକାଶ ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଉଥିବା ବିବିଧ ଯୋଜନାର ସଫଳ ରୂପାୟନ ସମ୍ବନ୍ଧରେ ଆଲୋଚନାରେ ଭାଗ ନେଇ ବିଭାଗ ଅଧିନସ୍ଥ ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀଙ୍କୁ ଆଗକୁ ନିବାରେ ସହାୟକ ହେବେ । COVID-19 ନିୟମ ଅନୁପାଳନ କରି ଉକ୍ତ ବୈଠକରେ ଯୋଗଦେବା ପାଇଁ ଆପଣମାନଙ୍କୁ ଅନୁରୋଧ ।

ସ୍ୱା/–
ପ୍ରମୁଖ ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ